## ସଂକ୍ଷେପରେ

### ପୂଜା କମିଟି କର୍ମକର୍ତ୍ତା ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ, ୨୯।୧୦:** ଢେଙ୍କାନାଳ କମଳା ମଣ୍ଡପରେ ଗୁରୁବାର ଅପରାହ୍ନରେ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଏମ୍‌ପି ମହେଶ ସାହୁ ସମ୍ବର୍ଦ୍ଧିତ କରିଥିଲେ। ପୂଜା ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା, ସ୍ୱଚ୍ଛତା ରକ୍ଷା, କୋଭିଡ୍ ନିୟମ ପାଳନ କରିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ମିଲିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୂଜା କମିଟି ସମେତ ୫ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ସମ୍ବର୍ଦ୍ଧିତ ହୋଇଥିଲେ। ଦୀପକ ପ୍ରସାଦ ପଟ୍ଟନାୟକ, ଗୋପାଳ ପାତ୍ର, ଗୋପାଳ ସାହୁ, ରୁଦ୍ରାନ୍ତ ଦଳେଇ ପ୍ରମୁଖ ନିରାଡମ୍ବର ପୂଜା ଆୟୋଜନ ନେଇ ଆଲୋଚନା କରିଥିଲେ।

### ବ୍ରାହ୍ମଣୀରେ ବୁଡ଼ି ଯୁବକ ମୃତ

**କଣିହାଁ, ୨୯।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ତଳମୁଣ୍ଡ ବ୍ରାହ୍ମଣୀ ନଦୀରେ ବୁଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିକିସର ଗ୍ରାମର ରଞ୍ଜନ ସିଂ। ଘଟଣାରୁ ଜଣାପଡିଛି, ରଞ୍ଜନ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଥିବା ତାଙ୍କ ସାଙ୍ଗମାନେ ରଞ୍ଜନଙ୍କୁ ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ତାଳଚେର ଚିକିତ୍ସାଳୟରେ ମୃତଦେହ ଥିବାବେଳେ ସମଲ ଥାନାରେ ଅଭିଯୋଗ କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ସମଲ ଥାନା ଅଧିକାରୀ ଚାରୁଲତା ବେହେରା କହିଛନ୍ତି, ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ। ପରିବାର ପକ୍ଷରୁ ଅଭିଯୋଗ ଆସିଲା ପରେ ତଦନ୍ତ କରାଯିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ସ୍ନାତକରେ ୭୪.୨୪%, ପିଜିରେ ୯୪ %

## ଅନୁଗୋଳ ମହାବିଦ୍ୟାଳୟ ପରୀକ୍ଷାଫଳ

**ଅନୁଗୋଳ ଅଫିସ, ୨୯।୧୦**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ସ୍ନାତକରେ ୭୪.୨୪ ପ୍ରତିଶତ ଓ ସ୍ନାତକୋତ୍ତରରେ ପାସ୍ ହାର ୯୫.୦୪ ପ୍ରତିଶତ ରହିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ବୀର କିଶୋର ରାଜ ସୂଚନା ଦେଇଛନ୍ତି। ସ୍ନାତକରେ ମୋଟ୍ ୬୯୧ ଜଣ ପରୀକ୍ଷା ଦେଇଥିବାବେଳେ ୫୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସ୍ନାତକୋତ୍ତରରେ ମୋଟ୍ ୮୭ ଜଣଙ୍କ ମଧ୍ୟରୁ ୮୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସ୍ନାତକୋତ୍ତର ଅର୍ଥନୀତି ବିଭାଗରେ ସୁଶ୍ରୀ ଅପରାଜିତା ନାଏକ ପ୍ରଥମ ହୋଇଥିବାବେଳେ ରାଜନୀତି ବିଜ୍ଞାନରେ ହୀନା ପ୍ରବିନ, ଓଡ଼ିଆ ବିଭାଗରେ ସୁପ୍ରିୟା ଦାଶ, ପଦାର୍ଥ ବିଜ୍ଞାନରେ ଦୀପ୍ତିମୟୀ ମହାରଣା ଓ ଜୁଲୋଜିରେ ସୁଶ୍ରୀ ବନମିତ୍ର ଖଟେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସ୍ନାତକରେ ସସ୍ମିତା ସାହୁ ଅର୍ଥନୀତିରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଇଂଲିଶରେ ପ୍ରଭୁକଲ୍ୟାଣ ସିଂହ, ଶିକ୍ଷା ବିଭାଗରେ ଅର୍ଚ୍ଚନା ଦେହୁରୀ, ଭୂଗୋଳରେ ଦୀପକ ଗଡ଼ନାୟକ, ଇତିହାସରେ କେଏମ୍ ସାଲୋନୀ ଗୁପ୍ତା, ଓଡ଼ିଆରେ ହେମାଲିନି ଲେଙ୍କା, ସାଇକୋଲୋଜିରେ ଶୁଭଶ୍ରୀ ସାହୁ, ରାଜନୀତି ବିଜ୍ଞାନରେ ସୋଭାଗିନୀ ସେଠୀ, ସଂସ୍କୃତରେ ସାଗରିକା ସାହୁ, ସାମାଜିକ ବିଜ୍ଞାନରେ ମଳୟ ରଞ୍ଜନ ଦେହୁରୀ, ବଟନୀରେ ମନୀଷା ନନ୍ଦ, କେମେଷ୍ଟ୍ରିରେ ସିକେନ୍ କୁମାର କରମଜିତ୍ ଭୁକ୍ତା, କମ୍ପ୍ୟୁଟର ସାଇନ୍ସରେ ସୌମ୍ୟ ରଞ୍ଜନ ଶତପଥୀ, ପଦାର୍ଥ ବିଜ୍ଞାନରେ ସୌମ୍ୟା ସୁଚରିତା ମିଶ୍ର, ଗଣିତରେ ସୁରେଖା ସାହୁ, ଗଣିତ(କଳା) ଜ୍ୟୋତିର୍ମୟୀ ପଣ୍ଡା, ଜୁଲୋଜିରେ ରାଜଶ୍ରୀ ରଶ୍ମିତା ଦେହୁରୀ, ବାଣିଜ୍ୟରେ ଅଞ୍ଜଳି ଶର୍ମା ବିଭାଗୀୟ ଶ୍ରେଷ୍ଠ ହୋଇଛନ୍ତି। ପରୀକ୍ଷାଫଳ ପ୍ରକାଶ ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ପରୀକ୍ଷା ନିୟନ୍ତ୍ରକ ଗଙ୍ଗାଧର କର, ସୁରେଶ ଚନ୍ଦ୍ର ରାଜହଂସ ଓ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଉପସ୍ଥିତ ଥିଲେ।


ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ କରାଯାଉଛି।

### ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେବି



ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ସୁଚରିତା ମିଶ୍ର ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଗକୁ ସେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରିବେ ବୋଲି କହିଛନ୍ତି। କଠିନ ପରିଶ୍ରମର ଫଳ ତାଙ୍କୁ ମିଳିଥିବା ବେଳେ ଅଧ୍ୟାପିକା ଅଧ୍ୟାପକଙ୍କ ମାର୍ଗଦର୍ଶନ ଓ ମାତାପିତାଙ୍କ ସହ ଭଗବାନଙ୍କ ଆଶୀର୍ବାଦରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ସୌମ୍ୟା ସୁଚରିତା କହିଛନ୍ତି।

### ସମୟର ସୁଦୁପଯୋଗ କରୁଥିଲି



ଅନୁଗୋଳ ମହାବିଦ୍ୟାଳୟର ଅର୍ଚ୍ଚନା ଦେହୁରୀ କଳାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିୟମିତ କ୍ଲାସରେ ଯୋଗ ଦେବା ସହ ଘରେ ସବୁବେଳେ ପଢ଼ାପଢ଼ି କରୁଥିବାରୁ ଏହି ସଫଳତା ପାଇଥିବା ଅର୍ଚ୍ଚନା କହିଛନ୍ତି। ଶିକ୍ଷା ବିଭାଗର ହୋଇଥିବାରୁ ଶିକ୍ଷାଦାନ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତଥାପି ସରକାରୀ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତା ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଚାହାନ୍ତି ବୋଲି ଅର୍ଚ୍ଚନା ପ୍ରକାଶ କରିଛନ୍ତି।

### ସମୟସୀମା ପୂର୍ବରୁ ଫଳ ପ୍ରକାଶ ପାଇଛି



ନଭେମ୍ବର ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଏହା ପୂର୍ବରୁ ଫଳ ପ୍ରକାଶ ପାଇଛି। କୋଭିଡ୍ ସମୟରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିବାରୁ ଏହା ସମ୍ଭବ ହୋଇପାରିଛି। ଛାତ୍ରୀଛାତ୍ରମାନେ ମଧ୍ୟ ପରୀକ୍ଷାରେ ଭଲ କରିଥିବା ଅଧ୍ୟକ୍ଷ ବୀର କିଶୋର ରାଜ କହିଛନ୍ତି।

### ଫଳାଫଳକୁ ନେଇ ଅସନ୍ତୋଷ

ପ୍ରକାଶିତ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାଫଳକୁ ନେଇ କେତେଜଣ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜଣେ ଛାତ୍ରୀ ଫଳାଫଳରେ ତ୍ରୁଟି ରହିଥିବା ଅନୁମାନ କର ନିୟନ୍ତ୍ରକଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଏପରି କି ଫଳାଫଳ କାର୍ଯ୍ୟରେ ବ୍ୟସ୍ତ ଥିବା କହି ଚାଲିଯାଇଥିବା ଛାତ୍ରୀଜଣଙ୍କ ଅଭିଯୋଗ କରିଛନ୍ତି। ଏ ନେଇ ପରୀକ୍ଷା ନିୟନ୍ତ୍ରକ ଗଙ୍ଗାଧର କରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ତେବେ ଅଧ୍ୟକ୍ଷ ବୀରକିଶୋର ରାଜ କହିଛନ୍ତି, ଘଟଣାର ଅନୁଧାନ କରାଯିବ।


ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଉଚ୍ଛେଦବେଳେ ଉତ୍ତେଜନା

**ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଦର ମହକୁମାର ଅନୁଗୋଳ-ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥର ବ୍ଲକ ଛକଠାରେ ସରକାରୀ ଜମିରେ ଅର୍ଦ୍ଧନିର୍ମିତ ଦୋକାନ ଘରଗୁଡ଼ିକୁ ଗୁରୁବାର ପ୍ରଶାସନ ପକ୍ଷରୁ ଉଚ୍ଛେଦବେଳେ ଉତ୍ତେଜନା ଦେଖାଦେଇଥିଲା। ଘଟଣାରୁ ପ୍ରକାଶ, ବ୍ଲକ ଛକଠାରେ ରାଜପଥ ପାର୍ଶ୍ୱରେ କୌଣସି ଘରୋଇ ନିର୍ମାଣ ନ କରାଯିବାକୁ ଛେଣ୍ଡିପଦା ତହସିଲ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେଠାରେ ଦୋକାନ ଘର ନିର୍ମାଣ କରାଯିବା ଜଣାପଡିବା ପରେ ଗୁରୁବାର ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ, ମାଜିଷ୍ଟ୍ରେଟ ଅନୁଗୋଳ ସହକାରୀ ଜିଲାପାଳ ଦୋଳଗୋବିନ୍ଦ ସାହୁ, ଛେଣ୍ଡିପଦା ଥାନା ଏସ୍ଆଇ ସଂଘମିତ୍ରା ଶତପଥୀ, ଦିଗାମ୍ବର ଜେନା ଓ ପୋଲିସ କର୍ମଚାରୀମାନେ ଜବରଦଖଲ ଉଚ୍ଛେଦ ନିମନ୍ତେ ପହଞ୍ଚିଥିଲେ। ତେବେ ସେଠାରେ ଘର ନିର୍ମାଣ କରୁଥିବା ବ୍ୟକ୍ତି ପ୍ରଶାସନକୁ କିଛି ଦିନ ଅବଧି ମାଗିଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବାରୁ ନିର୍ମାଣକାରୀ ଏହାର ବିରୋଧ କରିଥିଲେ। ପରେ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏହି ସମୟ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ଘର ନ ଭାଙ୍ଗିଲେ ତହସିଲ ତଥା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ କହିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

# ଢେଙ୍କାନାଳ କଲେଜ ପିଜି ପରୀକ୍ଷା ଫଳ ପ୍ରକାଶିତ

**ଢେଙ୍କାନାଳ ଅଫିସ, ୨୯।୧୦**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୧୯-୨୦ ବର୍ଷର ସ୍ନାତକୋତ୍ତର (ପିଜି) ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି। ଉଦ୍ଭିଦ ବିଜ୍ଞାନ ବିଭାଗରେ ୧୦୦% ରେଜଲ୍ଟ ହୋଇଥିବାବେଳେ ଇତିହାସ ବିଭାଗରେ ୭୬.୭୧%, ବାଣିଜ୍ୟରେ ୮୫.୭୧% ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଉଦ୍ଭିଦ ବିଜ୍ଞାନରେ ୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ଜଣ ୯ରୁ ଊର୍ଦ୍ଧ୍ୱ, ୬ଜଣ ୮ରୁ ଊର୍ଦ୍ଧ୍ୱ ଏବଂ ୭ଜଣ ୭ରୁ ଊର୍ଦ୍ଧ୍ୱ ସିଜିପିଏ ହାସଲ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ୍ ୩୮ଜଣଙ୍କ ମଧ୍ୟରୁ ୨୪ଜଣ ସଫଳତା ପାଇଛନ୍ତି । ଜଣେ ୮ରୁ ଊର୍ଦ୍ଧ୍ୱ, ୧୩ଜଣ ୭ରୁ ଊର୍ଦ୍ଧ୍ୱ, ୧୦ଜଣ ୬ରୁ ଊର୍ଦ୍ଧ୍ୱ ସିଜିପିଏ ହାସଲ କରିଛନ୍ତି । ଇତିହାସ ବିଭାଗରେ ୨୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଜଣ ସଫଳତା ପାଇଛନ୍ତି। ୭ଜଣ ୭ରୁ ଊର୍ଦ୍ଧ୍ୱ, ୮ଜଣ ୬ରୁ ଊର୍ଦ୍ଧ୍ୱ ଏବଂ ଜଣେ ୫ରୁ ଊର୍ଦ୍ଧ୍ୱ ସିଜିପିଏ ହାସଲ କରିଛନ୍ତି। ପରୀକ୍ଷା ସରିବାର ୧୫ଦିନ ମଧ୍ୟରେ ଫଳ ପ୍ରକାଶିତ ହୋଇଥିବା ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଡ. ଜୟଦେବ ପାଢ଼ୀ ସୂଚନା ଦେଇଛନ୍ତି।

## ବାଲେଶ୍ୱର ଉପନିର୍ବାଚନ

# 'ବାଲେଶ୍ୱରରୁ ଆରମ୍ଭ ହେବ ପରିବର୍ତ୍ତନ'


କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରାର୍ଥୀ ମମତା କୁଣ୍ଡୁଙ୍କ ସହ ପ୍ରଚାର କରୁଛନ୍ତି।

**ବାଲେଶ୍ୱର ଅଫିସ, ୨୯।୧୦**

କଂଗ୍ରେସ ଏ ଦେଶକୁ ସ୍ୱାଧୀନତା ଦେଇଛି। ଦେଶ ସ୍ୱାଧୀନତା ପାଇବାରେ ବାଲେଶ୍ୱରବାସୀଙ୍କ ଅବଦାନ ଅତୁଳନୀୟ, ଏଣୁ ଏହି ମାଟିକୁ ପ୍ରଣାମ କହି କଂଗ୍ରେସ ଦଳର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ବକ୍ତବ୍ୟ ଆରମ୍ଭ କରିଥିଲେ। ଗୁରୁବାର କଂଗ୍ରେସ ପକ୍ଷରୁ ଆଙ୍କ ପଞ୍ଚାୟତ ପୋଖରୀ ପଡ଼ିଆରେ ଆୟୋଜିତ ସମାବେଶରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଅଧ୍ୟକ୍ଷତା କରିଥିଲେ। ବିଧାୟକ ରାଉତରାୟ ବିଜେଡି ଓ ଭାଜପା ଉପରେ ଖୁବ୍ ବର୍ଷିଥିଲେ। କରୋନାରେ ତାଳି ମାରିବା, ଥାଳି ବାଡ଼େଇବାକୁ କହି ଲୋକଙ୍କୁ ଭକୁଆ କରାଯାଇଛି। ଏହାର ଜବାବ ଅର୍ଥାତ ବାଲେଶ୍ୱରରୁ ହିଁ ପରିବର୍ତ୍ତନ ଆରମ୍ଭ ହେବ ବୋଲି ସେ କହିଥିଲେ। ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଯୋଗଦେଇ ରୂପ୍‌ସା ଡାକ୍ତରଖାନା, ଝୋଟକଳ କଂଗ୍ରେସର ଦାନ, ଯୁବକମାନଙ୍କ ନିଯୁକ୍ତି ପାଇଁ କେବଳ କଂଗ୍ରେସ ହିଁ ଚିନ୍ତା କରିଥାଏ ବୋଲି କହିଥିଲେ। ପ୍ରାର୍ଥୀ ମମତା କୁଣ୍ଡୁ ବକ୍ତବ୍ୟ ମାଧ୍ୟମରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଜୋନ ସଭାପତି ଜୟକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମହାନ୍ତି, କଷିପଦା ପଞ୍ଚାୟତ ସଭାପତି ମନୋରଞ୍ଜନ ମହାପାତ୍ର, ପୂର୍ବତନ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବକଂଗ୍ରେସ ସଭାପତି ସୁଧାଂଶୁ ଶେଖର ଯେନା, ପୂର୍ବତନ ସରପଞ୍ଚ ମାୟାଧର ଯେନା, ଲମ୍ବୁଧର ଯେନା, ରୂପ୍‌ସା ପଞ୍ଚାୟତ ସଭାପତି ଯୁଗ ମହାପାତ୍ର, ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର ମଞ୍ଚାସୀନ ଥିଲେ। ରୂପ୍‌ସା କଲେଜ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇଥିଲା। ଠିକ୍ ସେହିପରି ଅପରାହ୍ନରେ କଷାଫଳରେ ଏକ ସଭାରେ ବିଧାୟକ ରାଉତରାୟ ଓ ପୂର୍ବତନ ଏମ୍‌ପି ମାଝି ଯୋଗ ଦେଇଥିଲେ। ଏଥିରେ ବସ୍ତା କଂଗ୍ରେସ ନେତା ବିଜନ ନାୟକ, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ଜଗନ୍ନାଥ ବିଶ୍ୱାଳ, ସତ୍ୟ ନାରାୟଣ ଗୁପ୍ତା, ଦେବ କୁମାର ଦେବ, ସୁରଥ ସେଠୀ ଓ ଦିଲୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୂପ୍‌ସା ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ବାଲେଶ୍ୱର ଅଫିସ, ୨୯।୧୦**

ବାଲେଶ୍ୱର ଉପନିର୍ବାଚନ ପ୍ରଚାର ଅଭିଯାନ ଜୋର ଧରିଥିବା ବେଳେ ଶାସକ ଦଳ ପକ୍ଷରୁ ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଶାସକ ଦଳର ପ୍ରାର୍ଥୀଙ୍କୁ ସାର୍ଥା ପଞ୍ଚାୟତର ଏକ ରୋଡ଼ ଶୋ ସମୟରେ ବିନା ଅନୁମତିପ୍ରାପ୍ତ ଗାଡ଼ି ( ନଂ. ଓଡି ୨୨ ଆର ୦୦୦୧)ରେ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା । ଏହା ଜନପ୍ରତିନିଧି ଆଇନ ୧୯୫୧ର ଧାରା ୧୩୩ର ଖୋଲାଖୋଲି ଉଲ୍ଲଂଘନ ବୋଲି ଭାଜପା ଦାବି କରିଛି। ଚାନ୍ଦିପୁର ଥାନା ଆଇଆଇସି ଗୋଟିଏ ଥାନାର ଭାରପ୍ରାପ୍ତ ଅଧିକାରୀ ଥିବା ବେଳେ ନିଜ ଥାନାରେ ରହି କାମ କରିବା ପରିବର୍ତ୍ତେ ସେ ଉପନିର୍ବାଚନ ସମୟରେ ନିଜ ଅଞ୍ଚଳ ଛାଡ଼ି ବିଜେଡି ନେତାଙ୍କ ପାଖେ ପାଖେ ରହୁଥିବା ଦେଖିବାକୁ ମିଳିଛି । ନିର୍ବାଚନ ସମୟରେ ଜଣେ ଆଇଆଇସିଙ୍କୁ ଏହି ବିଶେଷ ଦାୟିତ୍ୱ ଦିଆଯାଇଛି କି ବୋଲି ଭାଜପା ପ୍ରଶ୍ନ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ମତଦାନ ଦିନ ସମସ୍ତ ଭୋଟ କେନ୍ଦ୍ରରେ ଭୋଟ କାଷ୍ଟିଂ ରିପୋର୍ଟ ସଂଗ୍ରହ ପାଇଁ ବୁଥ ଏଜେଣ୍ଟମାନଙ୍କୁ ଫର୍ମ ୧୭ସି ଯୋଗାଇ ଦେବାକୁ ଭାଜପା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି । ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଏହି ଟିମ୍‌ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶର୍ମା, ସୁଷମା ବିଶ୍ୱାଳ, ଶ୍ରୀନିବାସ ପ୍ରଧାନ ଓ ବିଭୁପଦ ଦାସ ସାମିଲ ଥିଲେ । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଓ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଶାସକ ଦଳକୁ ସୁହାଇଲା ଭଳି ବେଆଇନ କାର୍ଯ୍ୟର ତୁରନ୍ତ ଅନୁସନ୍ଧାନ କରି ନିର୍ବାଚନ ପୂର୍ବରୁ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଏହି ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।


ଦାବିପତ୍ର ଦେବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।

# 'ମୁଖ୍ୟମନ୍ତ୍ରୀ ମୋ ସ୍ୱାମୀଙ୍କୁ ମନେ ପକାଇଲେ ନାହିଁ'

**ବାଲେଶ୍ୱର ଅଫିସ, ୨୯।୧୦**

ବାଲେଶ୍ୱର ଉପନିର୍ବାଚନ ଲାଗି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ରାଲି ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। କିନ୍ତୁ ଦିବଙ୍ଗତ ବିଧାୟକ ମଦନମୋହନ ଦତ୍ତଙ୍କୁ ଭୁଲି ଯାଇଥିବା ଓ ତାଙ୍କ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଦୁଟିଏ କହି ନ ଥିବା ମଦନମୋହନଙ୍କ ସ୍ତ୍ରୀ ପ୍ରେମଲତା ଦତ୍ତ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସ୍ୱାମୀ ଅସମୟରେ ଛାଡି ଚାଲିଗଲେ। ତାଙ୍କୁ ହରାଇ ମୋ ପରିବାର ଦୁଃଖରେ ଅଛି। ହେଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୋ ସ୍ୱାମୀଙ୍କ ମୃତ୍ୟୁକୁ ବିଜେଡି ପାଇଁ ଏକ ସୁଯୋଗ ବୋଲି କହିଥିଲେ। ଭାବିଥିଲି ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀଙ୍କୁ ତାଗିଦ୍ କରିବେ। ମାନବିକତା ଦୃଷ୍ଟିରୁ ସେ ସମବେଦନା ଜଣାଇବେ। ହେଲେ ତାଙ୍କର ଭର୍ଚୁଆଲ ରାଲିରେ ମୁଖ୍ୟମନ୍ତ୍ରୀ ଏ ବିଷୟରେ ପଦୁଟିଏ ବି କହିଲେ ନାହିଁ। ଅପରପକ୍ଷରେ ବିଜେଡି ନେତା କୁନା ତ୍ରିପାଠୀ ମୋ ସ୍ୱାମୀଙ୍କୁ 'ଅକାମୀ ଟ୍ରାନ୍ସଫର୍ମର' ସହ ତୁଳନା କଲେ। ଏହା ତାଙ୍କୁ କଷ୍ଟ ଦେଇଛି। ମୁଖ୍ୟମନ୍ତ୍ରୀ ନିଷ୍ଠୁର ନ ହୋଇ ସଦୟ ହେବା ପାଇଁ ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମହିଳାମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ସୁନ୍ଦରଗଡ଼ ବିଧାୟକ କୁସୁମ ଟେଟେ ଓ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପ୍ରେମଲତା ଦତ୍ତଙ୍କ ସହ ଅନ୍ୟମାନେ।

# ଶତାଧିକ ସଂଖ୍ୟାଲଘୁ ଭାଜପାରେ ସାମିଲ

**ବାଲେଶ୍ୱର ଅଫିସ, ୨୯।୧୦**

ବାଲେଶ୍ୱର ଉପନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଗୁରୁବାର ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ମହିଳା, ପୁରୁଷ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି । ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଂଖ୍ୟାଲଘୁ ନେତା ସିକନ୍ଦର ଅଲ୍ଲୀ, ମୁଖ୍ୟ ସଚେତକ ମୋହନ ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନାରୀନେତ୍ରୀ ମନସ୍ୱିତା ଖୁଣ୍ଟିଆ ଓ ଯୁବମୋର୍ଚ୍ଚା ଜିଲା ଉପସଭାପତି ରଞ୍ଜିତ୍ ପ୍ରଧାନ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନୂଆକରି ଯୋଗଦାନ କରିଥିବା କର୍ମୀମାନଙ୍କୁ ସ୍ୱାଗତ କରି ଉଦ୍‌ବୋଧନ ଦେଇ କହିଥିଲେ, ସମାଜର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ମଧ୍ୟରେ ଆତ୍ମୀୟତାର ଆବଶ୍ୟକତା ରହିଛି। ସେ ଆହୁରି କହିଥିଲେ, ଦେଶରେ ସଂଖ୍ୟାଲଘୁଙ୍କ ଉନ୍ନତି କେବଳ ମୋଦିଜୀଙ୍କ ସରକାର ସମୟରେ ହୋଇଛି। ଅନ୍ୟମାନେ ସଂଖ୍ୟାଲଘୁଙ୍କୁ କେବଳ ଭୋଟବ୍ୟାଙ୍କ ଭାବରେ ବ୍ୟବହାର କରିଛନ୍ତି। ସଂଖ୍ୟାଲଘୁ ନେତା ସିକନ୍ଦର ଅଲ୍ଲୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ମିଶ୍ରଣ ପର୍ବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟ କର୍ମକର୍ତ୍ତା।

